# Akashvani, Sambalpur

## SAMBALPURI NEWS EVENING BULLETIN

**10 February 2025- 7.02 pm- 7.12 pm.**

*********************************************

୧- ବହିର୍ ସଫଲତାନୁ ଜୀବନ୍‌ର ସଫଲତା ବଡ଼ ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଲେ ଝାର୍‌ସୁଗୁଡ଼ାର୍ ଛାତ୍ରୀ ପ୍ରୀତି ବିଶ୍ୱାଲ୍ ।

୩- ପ୍ରୟାଗ୍‌ରାଜ୍‌ର ତ୍ରିବେଣୀ ସଂଗମ୍ ନ ବୁଡ଼୍ ପକାଲେ ରାଷ୍ଟ୍ରପତି ।

ଆଉର୍

୪- ରାଏଜେ ମୁଲ୍ ହେଲା କୃମିନାଶକ ଆର୍ ଫାଇଲେରିଆ ସାମୂହିକ ଉଷୋ ଖୁଆବାର୍ ଅଭିଯାନ୍ ।

ପରୀକ୍ଷାପେ ଚର୍ଚ୍ଚା ଆର୍‌ଏନ୍‌ୟୁ/ ସମ୍ବଲପୁର

ବହିର୍ ସଫଲ୍‌ତାଠାନୁ ଜୀବନର୍ ସଫଲ୍‌ତା ବଡ଼ ଆଏ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର୍ ୮ ନମ୍ବର୍ ଖେପେ ଦେଶର୍ ଭିନ୍ ଭିନ୍ ଜାଗାର୍ ୩୬ ଝନ୍ ଛାତ୍ରଛାତ୍ରୀମାନ୍‌ଙ୍କର୍ ସଙ୍ଗେ କଥା ହେଇକରି ପ୍ରଧାନମନ୍ତ୍ରୀ ପୋଷଣଠାନୁ ମୁଲ୍ କରି କରି ସ୍କିଲ୍ ଇଣ୍ଡିଆ, ନେତୃତ୍ୱର୍ ବିକାଶ, ପ୍ରକୃତିର୍ ସୁରକ୍ଷାର୍ ଉପ୍‌ରେ ଜୋର୍ ଦେବାର୍ ସହେତେ ନିଜର୍ ଦକ୍ଷତା ଚିହ୍ନବାର୍ ଲାଗି ପରାମର୍ଶ ଦେଇଛନ୍ । ସେ କହିଛନ୍, ଛାତ୍ରଛାତ୍ରୀ ନିଜର୍ ଧ୍ୟାନ୍‌ନୁ ନାଇଁ ହଟିକରି ଲକ୍ଷ୍ୟଜାଗାକେ ପୁହୁଁଚିବାର୍‌କେ ଚେରେଷ୍ଟା ଜାରି ରଖ । ଫିଦିନ ନିଜ୍‌କେ ନିଜେ ଚେଲେଞ୍ଜ୍ କର । ବିଫଲ୍‌ତାକେ ଇନ୍ଧନ୍ ଭାବେ ନେଇକରି ଆଗ୍‌କେ ବଢ୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍ -୧-ପ୍ରଧାନମନ୍ତ୍ରୀ)

ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସମିଆର୍ ସଦ୍‌ଉପଯେଗ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ସେ କହିଛନ୍, ପରୀକ୍ଷା ସମିଆର୍ ସଦୁପଯୋଗ ବଡ଼ଟେ ଭୂମିକା ନେସି । ଆଝିରର୍ ଯୁଗେ ଦକ୍ଷତା ଗୁଟେ ଶକ୍ତିଶାଳୀ ମାଧ୍ୟମ ଆଏ । ଅଭିଭାବକ୍‌ମାନେ ପିଲାମାନଙ୍କର ଦକ୍ଷତା, ଇଚ୍ଛା ଆର୍ ଜ୍ଞାନ୍‌କେ ଚିହ୍ନକରି ତହଁକାବାର୍‌କେ ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍ -୨-ପ୍ରଧାନମନ୍ତ୍ରୀ)

ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଛୋଟ୍ ଛୋଟ୍ ସଫଲ୍ତା ଲାଗି ଖୁସି ହେବାର୍ ମନ୍ତ୍ର ଦେଇଛନ୍ । ସେ କହିଛନ୍, ବଡ଼ ଲକ୍ଷ ହାସଲ୍ କର୍ବାର୍ ଲାଗି ଛୋଟ୍ ଛୋଟ୍ ଲକ୍ଷ୍ୟ ଧାରିଜ୍ କର୍ବାର୍କେ ପଡ଼ସି । ଇଟା ସଫଲ୍ତା ପାଏବାର୍ ବଡ଼ ବାଟ୍ ଆଏ । ଛାତ୍ରଛାତୀମାନଙ୍କର୍ ସଙ୍ଗେ କଥାବର୍ତା ସମିଆଥି ପ୍ରଧାନମନ୍ତ୍ରୀ ନିଜ୍କେ ନିଜେ ତହଁକାବାର୍ ଉପ୍ରେ ଜୋର୍ ଦେଇଛନ୍ । ସେ କହିଛନ୍, ପିଲାମାନେ ନିଜେ ତହଁକିଲେ ଅଲ୍ଗାମାନ୍କର୍ ଲାଗି ତହଁକ୍ର ଜରିଆ ହେଇପାର୍ବେ । ଶ୍ରୀ ମୋଦି ଛାତ୍ରଛାତ୍ରୀମାନଙ୍କୁ ଧ୍ୟାନର୍ ମହତ୍ୱ ବୁଝାବାର୍ ସହେତେ ପ୍ରକୃତିର୍ ସୁରକ୍ଷାର୍ ଲାଗି ସୁସ୍ଥ ଜୀବନ୍ ଶୈଲୀ ଅପ୍ନାବାର୍କେ ଆହ୍ୱାନ୍ ଦେଇଛନ୍ ।

ପ୍ରଧାନ୍ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ଥି ଓଡ଼ିଶା ନୁ ଝନେନ ଛାତ୍ରୀ ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ ଧୁଲୁଣ୍ଡା ଗାଁର୍ ଆର୍ ଲଖନ୍ପୁର୍ ଓଏଭି ୧୦ କ୍ଲାସ୍ ଛାତ୍ରୀ ପ୍ରିତୀ ବିଶ୍ୱାଲ୍ ସାମିଲ୍ ହେଇଥିଲେ । ଇ ଉଧେ ପ୍ରୀତି ପ୍ରଧାନ୍ମନ୍ତ୍ରୀଙ୍କୁ ସଫଲତାର୍ ମାର୍ଗଦର୍ଶନ୍ କର୍ବାର୍କେ ଅନୁରୋଧ୍ କରିଥିଲେ ।

(ଝାର୍ସୁଗୁଡ଼ା ଛାତ୍ରୀ- ୩)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରଛାତ୍ରୀମାନଙ୍କର୍ ସଙ୍ଗେ ପରୀକ୍ଷା ପେ ଚର୍ଚ୍ଚାର୍ ସିଧା ପ୍ରସାରଣ ଦେଖିଛନ୍ । କାର୍ଯ୍ୟକ୍ରମ୍ ଉତ୍ରୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କର୍ ସଙ୍ଗେ ଆଲୋଚନା

ଭିଲ୍ କରିଛନ୍ । ସୂଚ୍ନା ଅନ୍ସାରେ ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା-୨୦୨୫ ୮ଟା ବିଷୟ ଉପ୍ରେ ହେଇଥିଲା ।

ସମ୍ବଲ୍ପୁର୍ ସହର୍ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଲେଡିଲୁଇସ୍ ବାଳିକା ଉଚ୍ଚବିଦ୍ୟାଳୟ ଆର୍ ଭିନ୍ ଭିନ୍ ବିଦ୍ୟାଳୟ ନ ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀ ପ୍ରଧାନ୍ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ ଦେଖିକରି ଉତ୍ସାହିତ୍ ହେଇଛନ୍ । ଇ ବାବ୍ଦେ ଲେଡ଼ିଲୁଇସ୍ ସ୍କୁଲ୍ର ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା କହିଛନ୍...

(ସମ୍ବଲ୍ପୁର୍- ଶିକ୍ଷୟିତ୍ରୀ-୪)

ସୁବର୍ଣ୍ଣପୁର୍ କେନ୍ଦ୍ରୀୟ ବିଦ୍ୟାଳୟ ଠାନେ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ଥି ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀ ପରୀକ୍ଷା ପ୍ରସ୍ତୁତି ଆର୍ ପ୍ରୟୋଗଭିତିକ ଜ୍ଞାନ୍ ବେଭାର୍ ଉପ୍ରେ ପ୍ରଧାନ୍ମନ୍ତ୍ରୀଙ୍କର୍ ପରାମର୍ଶ ଶୁନିଛନ୍ ।

(ସୁବର୍ଣ୍ଣପୁର୍- ଛାତ୍ରୀ-୫)

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା କେନ୍ଦ୍ରୀୟ ବିଦ୍ୟାଳୟ ଠାନେ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ଥି ସାମିଲ୍ ହେଇକରି ଛାତ୍ରଛାତ୍ରୀ ପ୍ରଧାନ୍ମନ୍ତ୍ରୀଙ୍କର୍ ପରାମର୍ଶ ପାଇକରି ପ୍ରଭାବିତ୍ ହେଇଥିବାର୍ କହିଛନ୍ ।

ବୌଦ୍ଧ ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ଆର୍ ଜବାହାର୍ ନବୋଦୟ ବିଦ୍ୟାଳୟ ଠାନେ ଛାତ୍ରଛାତ୍ରୀ ପରୀକ୍ଷାପେ ଚର୍ଚ୍ଚା

କାର୍ଯ୍ୟକ୍ରମ୍ ଦେଖିବାର୍ ଲାଗି ସବୁ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀଙ୍କର୍ ମାର୍ଗଦର୍ଶନ୍ ସେମାନ୍‌କର୍ ଭିତ୍‌ରେ ଆତ୍ମବିଶ୍ୱାସ୍ ବଢ଼େଇଛେ ବଲି ଛାତ୍ରଛାତ୍ରୀମାନେ କହିଛନ୍ ।

ରାଷ୍ଟ୍ରପତି - ମହାକୁମ୍ଭ ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଉତର୍‌ପ୍ରଦେଶ୍‌ର ପବିତ୍ର ପ୍ରୟାଗ୍‌ରାଜ୍ ଯାଇକରି ତ୍ରିବେଣୀ ସଂଗମ୍ ଠାନେ ଆସ୍ଥାର୍ ବୁଡ଼ ପକେଇଛନ୍ । ଇତାର୍‌ସହେତେ ରାଷ୍ଟ୍ରପତି ନୌବିହାର୍ କରିକରି ତ୍ରିବେଣୀ ସଂଗମ୍ ଠାନେ ବିଦେଶାଗତ ପକ୍ଷୀମାନ୍‌କୁ ଦାନା ଖୁଏଇଛନ୍ । ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର୍ ସହେତେ ରାଷ୍ଟ୍ରପତି ଗଙ୍ଗା, ଯମୁନା ଆର୍ ସରସ୍ୱତୀଙ୍କର୍ ଆରାଧନା କରିଛନ୍ ।

ଏକଲ୍ କ୍ରୀଡ଼ା ପ୍ରତିଯୋଗିତା- ଉଦ୍‌ଯାପିତ ହି.ସ.

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୩ ଦିନିଆ ଜାତୀୟ ଏକଲ୍ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉଦ୍‌ଯାପନୀ ଉସବ୍‌ଥି ଯୋଗ୍ ଦେଇକରି ଏନ୍ତା ପ୍ରତିଯୋଗିତା ଗାଁ ଆର୍ ଆଦିବାସୀ ଇଲାକାର୍ ଯୁଆନ୍ ଖେଲାଲୀମାନ୍‌କୁ ତହଁକାବା ଆଉ ପ୍ରତିଭାର୍ ବିକାଶ୍ କର୍‌ବା ବଲି କହିଛନ୍ । ସେ କହିଛନ୍, କାର୍ଯ୍ୟକ୍ରମ୍ କ୍ରୀଡ଼ାକେ ତହଁକାବାର୍ ସହେତେ ସମାଜ୍‌ଥି ସମାନତା, ଏକତା, ଅନ୍ତର୍ଭୁକ୍ତିକରଣ୍‌କେ ଭିଲ୍ ବର୍‌କସ୍ କର୍‌ସି । ଉସବ୍‌ଥି ଓଡ଼ିଶା ରାଷ୍ଟ୍ରୀୟ ସ୍ୱୟଂ ସେବକ ସହପ୍ରାନ୍ତ ସଂଘ ପରିଚାଲକ୍ ମନ୍‌ସୁଖ୍ ଲାଲ୍ ସେଠିଆ ଆର୍ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଯୋଗ୍ ଦେଇଥିଲେ । ପ୍ରତିଯୋଗିତାଥି ୨୫ ଟା ରାଜ୍ୟର୍ ୧ ହଜାର୍ ୨ ଶହ ଝନ୍ ଖେଲାଲି ଭାଗ୍ ନେଇଥିଲେ ।

ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା I&PR

ମହିଳାମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଆର୍ ସେମାନ୍‌କର୍ ସମସ୍ୟାର୍ ସମାଧାନ୍ ଲାଗି ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ବିଜୟା ରାହତ୍‌କର୍ ଆଏବା କାଏଲ୍ ମଏଧାନର୍ ୨ ବଜେ ଭୁବ୍‌ନେଶ୍ୱର୍ ଠାନେ ମହିଳାମାନ୍‌କର୍ ଜନଶୁଣାଣି କର୍‌ବେ ।

ଅଭିଯୋଗ୍‌କାରୀ ମହିଲାମାନ୍‌କର୍ ସମସ୍ୟାର୍ ତୁର୍‌ତି ସମାଧାନ୍ ଲାଗି କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମାଜିଷ୍ଟ୍ରେଟ୍, ପୁଲିସ୍ ଅଧିକ୍ଷକ ଆର୍ ବରିଷ୍ଠ ଅଧିକାରୀମାନେ ସାମିଲ୍ ରହେବେ ।

ଇନ ଜନେଇ ଦିଆଯାଇପାରେ ଯେ, ଜାତୀୟ ମହିଳା କମିଶନ୍ ଅଧ୍ୟକ୍ଷା ବିଜୟା ରାହତ୍‌କର୍ ଆଏଜ୍ ୨ ଦିନିଆ ଓଡ଼ିଶା ଗସ୍ତ୍‌ଥି ଆସିଛନ୍ ।

ଫାଇଲେରିଆ, ଜାତୀୟ କୃମିନାଶକ୍ ଦିବସ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଫାଇଲେରିଆ ଦୂର୍ କର୍‌ବାର୍ ଲାଗି କଳାହାଣ୍ଡି, ବଲାଙ୍ଗିର୍, କଟକ୍, ନୟାଗଡ୍, କନ୍ଧମାଲ୍ ଆର୍ ରାୟଗଡ଼ା ଜିଲ୍ଲା ନ ଆଏଜ୍‌ଠାନୁ ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ ଅଭିଯାନ୍ ଆଏବା ୧୯ ତାରିଖ୍ ତକ୍ ଚାଲ୍‌ବା । ୨ ବଛର୍‌ନୁ କମ୍ ବୟସର୍ ଛୁଆ, ଗର୍ଭବତୀ, ଆର୍ ରୋଗୀମାନ୍‌କୁ ଇ ଉଷୋ ନାଇଁ ଦିଆଯାଏ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ । ସେନ୍ତା ଆଏଜ୍ ରାଜ୍ୟର୍ ୨୪ ଟା ଜିଲ୍ଲା ନ ଜାତୀୟ କୃମିନାଶକ୍ ଦିବସ୍ ପାଲନ୍ କରାଯାଉଛେ । ଇଥି ୧୯ ବଛର୍ ବୟସର୍ ପିଲା, ଟୁକେଲ୍ ଆର୍ ୨୦ ନୁ ୨୪ ବଛର୍ ବୟସର୍ ମହିଳା ମାନ୍‌କୁ

କୃମିନାଶକ୍ ଉଷୋ ଖାଏବାର୍‌କେ ଦିଆଯାଉଛେ । ସ୍କୁଲ୍ ନାଇଁ ଯାଉଥିବାର୍ ଛୋଟ୍ ଛୁଆମାନ୍‌କୁ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ଉଷୋ ଖୁଆଯାଉଛେ । ଇତାର୍‌ସହେତେ ଇ ମାସ ହେଉଥିବା ସବୁ ଟୀକାକରଣ୍ ଶିବିର୍ ନ ୯ ମାସ୍‌ନୁ ୫ ବଛର୍ ଭିତ୍‌ରର୍ ସବୁ ଛୁଆମାନ୍‌କୁ ଭିଟାମିନ୍ ଏ ଉଷୋ ଖୁଆଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଏଭି ପ୍ରବେଶିକା ରିଜଲ୍ଟ       କଟକ୍ ସମ୍ବାଦତାତା

ଓଡ଼ିଶା ଆଦର୍ଶ ବିଦ୍ୟାଲୟ ୬ ଆଉ ୯ ଶ୍ରେଣୀର୍ ଆର୍ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଲୟର ପ୍ରବେଶିକା ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ପରୀକ୍ଷାର୍ଥୀମାନେ www.bseodisha.ac.in କେ ଯାଇକରି ନିଜର୍ ନିଜର୍ ରିଜଲ୍ଟ ଜାନିପାର୍‌ବେ ।

ପାନୀୟ ଜଳ ପ୍ରକଳ୍ପ-ମନ୍ତ୍ରୀ       I&PR

ରାଜ୍ୟ ସର୍କାର୍ ଖରାମାସ୍ ଆଘାନୁ ଗାଁ ଗହଲି ନ ପିଇବାର୍ ପାଏନ୍ ଯୁଗାବାର୍ ବ୍ୟବସ୍ଥାକେ ବର୍କସ୍ କର୍ବାର୍ ସହେତେ ଭିନ୍ ଭିନ୍ ସତର୍କତା ପଦକ୍ଷେପ୍ ନଉଛନ୍ ବଲି ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ, ଆଏବା ଦେଢ୍ ବଛର୍ ଭିତ୍ରେ ରାଏଜେ ୨ ଶହ ୭ ଟା ବଡ୍ ପିଇବାର୍ ପାଏନ୍ ପ୍ରକଳ୍ପ ତିଆର୍ କରାଯାଇକରି ସେସବୁକେ କାମେ ଲଗାଯିବା । ଭିତ୍ରିଆଇଲାକାମାନ୍କେ ଦର୍କାର୍ ଜାଗା ନ ଟେଙ୍କର୍ଥି ଲୁକ୍କର୍ ନିକେ ପାଏନ୍ ପୁହୁଁଚାବାର୍କେ ସବୁ ଜିଲ୍ଲା ପ୍ରଶାସନ୍କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

କ୍ରିକେଟ୍ ମେଚ୍ ବାଧାପ୍ରାପ୍ତ ଭୁବ୍ନେଶ୍ୱର୍ ସମ୍ବାଦଦାତା

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଭାରତ୍-ଇଂଲଣ୍ଡ ଭିତ୍ରେ ହେଇଥିବା ୨ ନମ୍ବର୍ ଦିନ୍କିଆ କ୍ରିକେଟ୍ ମେଚ୍ଥି ଫ୍ଲଡ୍ ଲାଇଟ୍ ବନ୍ଦ୍ ହେବା ଘଟ୍ନାକେ ନେଇକରି ରାଜ୍ୟ କ୍ରୀଡ଼ା ବିଭାଗ୍ ଆଏଜ୍ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍କେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛେ । ଲାଇଟ୍ ବନ୍ଦ୍ ହେବାର୍ନୁ ଗଲାକାଏଲ୍ ୩୦ ମିନିଟ୍ ଖେଲ୍ ବନ୍ଦ୍ ହେବାର୍ ସହେତେ

ଖେଲାଲି ଆର୍ ଦର୍ଶକ୍‌ମାନେ ବହୁତ୍ ଅସୁବିଧା ଭୁଗିଥିଲେ । ଘଟ୍‌ନାକେ ନେଇକରି ଓଡ଼ିଶା କ୍ରିକେଟ୍ ସଂଘ- ଓଏସିଏ କାଣା ପଦକ୍ଷେପ୍ ନେବା ସେ ବାବ୍‌ଦେ ଜନାବାର୍‌କେ କ୍ରୀଡ଼ା ବିଭାଗ୍ ନିର୍ଦ୍ଦେଶ୍ ଦେଇଛେ । ଆଏବା ୧୦ ଦିନ୍ ଭିତ୍‌ରେ ଚିଠିର୍ ଉତର୍ ଦେବାର୍‌କେ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାପମାତ୍ରା ସାମାଏନ୍ କମ୍‌ବାର୍ ସହେତେ ଶୀତ୍ ବଢ଼ିଛେ । ହେଲେ ଆଏବା ଦିନେ ଦୁଇଦିନ ଭିତ୍‌ରେ ରାଏଜର୍ ସବୁନୁ କମ୍ ତାପମାତ୍ରା ୨ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା ଆର୍ ୨୪ ଘଂଟା ଭିତ୍‌ରେ ୮ଟା ଜିଲ୍ଲାନ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଏଜର ୧୬ଟା ସହରର ସବୁନୁ ଯହ ତାପମାତ୍ରା ୩୩ ଉପ୍‌ରେ ରହିଥିଲା । ବଲାଙ୍ଗିର, ସୁନ୍ଦରଗଡ଼ ଆର୍ ପାରଳାଖେମୁଣ୍ଡିର୍‌ନ ସବୁନୁ ଯହ ତାତି ୩୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛେ ।